*1963*
*ମେ 8*

# ଜଗନ୍ନାଥମ ଏବଂ ବ୍ରଦର୍ସ

*ବନାମ*

# ସୌଦାମ୍ବିଗାଇ ମୋଟର ସେବା

(କେ. ସୁବ୍ବା ରାଓ, ରଘୁବର ଦୟାଲ
ଏବଂ ଜେ. ଆର. ମୁଧୋଲକର, ନ୍ୟାୟମୂର୍ତ୍ତିବୃନ୍ଦ)

*ମୋଟର ଯାନ - ଯାତ୍ରୀବାହୀ ଗାଡ଼ି ଅନୁମତି ପାଇଁ ଆବେଦନପତ୍ର - ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଅନୁମତି ପ୍ରଦାନ - ଅଗ୍ରାଧିକାରର କୌଣସି କାରଣ ନ ଦର୍ଶାଇ ପରିବହନ ଅପିଲୀୟ ନ୍ୟାୟାଧିକରଣ ଦ୍ୱାରା ଅନୁମତିର ରଦ୍ଦ - ଆଦେଶର ବୈଧତା – ଅପିଲୀୟ ନ୍ୟାୟାଧିକରଣର କର୍ତ୍ତବ୍ୟ - ମୋଟର ଯାନ ଅଧିନିୟମ, 1939 (1939 ର IV)*

ଯାତ୍ରୀବାହୀ ଗାଡ଼ି ଅନୁମତି ପ୍ରଦାନ ନିମନ୍ତେ ଆବେଦନକାରୀ, ତଥା ଉତ୍ତରଦାତା 1 ଏବଂ 2 ଓ ଅନ୍ୟମାନେ, ଆବେଦନ କରିଥିଲେ । ଦୁଇ ଜଣ ଉତ୍ତରଦାତାଙ୍କୁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଥିଲେ । ଏହି ଆଦେଶ ଦ୍ୱାରା ବ୍ୟଥିତ ହୋଇ ଆବେଦନକାରୀ ରାଜ୍ୟ ପରିବହନ ଅପିଲୀୟ ନ୍ୟାୟାଧିକରଣରେ ଆବେଦନ କରିଥିଲେ । ଅପିଲୀୟ ନ୍ୟାୟାଧିକରଣ ନିର୍ଣ୍ଣୟ କରିଥିଲେ ଯେ ଉତ୍ତରଦାତା ସଂଖ୍ୟା 1 ଅପେକ୍ଷା ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ । ଏହି ଆଦେଶ ବିରୁଦ୍ଧରେ ଉତ୍ତରଦାତା ସଂଖ୍ୟା 1 ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଏର କରିଥିଲେ । ଅପିଲୀୟ ନ୍ୟାୟାଧିକରଣ ଉତ୍ତରଦାତା ସଂଖ୍ୟା 1 ଅପେକ୍ଷା ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବାର କାରଣ ଦର୍ଶାଇ ନଥିବାରୁ, ଏହି ଆଧାରରେ ଉଚ୍ଚ ନ୍ୟାୟାଳୟ ଅପିଲୀୟ ନ୍ୟାୟାଧିକରଣର ଆଦେଶକୁ ରଦ୍ଦ କରିଦେଇଥିଲେ ।

*ଏହା ନିର୍ଣ୍ଣୟ ହୋଇଥିଲା ଯେ* ରାଜ୍ୟ ପରିବହନ ଅପିଲୀୟ ନ୍ୟାୟାଧିକରଣର ଆଦେଶକୁ ରଦ୍ଦ କରିବାରେ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଥିଲେ । ବାସ୍ତବରେ, ରାଜ୍ୟ ପରିବହନ ଅପିଲୀୟ ନ୍ୟାୟାଧିକରଣ ଏକମାତ୍ର ପ୍ରଶ୍ନର ନିର୍ଣ୍ଣୟ କରିନଥିଲା ଯାହାକୁ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଥିଲା ଏବଂ ଏହି କାରଣରୁ ଅନ୍ୟ ଜଣଙ୍କ ଅପେକ୍ଷା ଜଣେ ଚାଳକଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍ ଥିଲା ।

*ରମଣ ଏବଂ ରମଣ ଲିମିଟେଡ୍* ବନାମ *ମାଡ୍ରାସ ରାଜ୍ୟ* [1959] Supp. 2 S.C.R. 227, ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 179/1963 ।

ଆଜ୍ଞାଦେଶ ଅପିଲ ସଂଖ୍ୟା 207/1962 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 23 ଅକ୍ଟୋବର, 1962 ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ବି. ସେନ୍, ଜେ. ବି. ଦାଦାଚାନଜୀ, ଓ. ସି. ମାଥୁର* ଏବଂ *ରବିନ୍ଦର ନାରାୟଣ* ।

ଉତ୍ତରଦାତା ସଂଖ୍ୟା 1 ଙ୍କ ପକ୍ଷରୁ *ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ* ଏବଂ *ଆର. ଗଣପତି ଆୟାର* ।

ଉତ୍ତରଦାତା ସଂଖ୍ୟା 2 ଙ୍କ ପକ୍ଷରୁ *ଏ. ଭି. ଭି. ନାୟାର* ଏବଂ *ପି. ରାମ ରେଡ୍ଡୀ* ।

1963. ମେ 8 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ମୁଧୋଲକରଙ୍କ ଦ୍ୱାରା - ଇରୋଡ ସହରର ମାର୍ଗ ସଂଖ୍ୟା 5 ରେ ବସ୍ ଚଳାଚଳ ପାଇଁ ଆବେଦନକାରୀ କମ୍ପାନୀର ଆବେଦନକୁ ଅନୁମତି ପ୍ରଦାନ କରି, ରାଜ୍ୟ ପରିବହନ ଅପିଲୀୟ ନ୍ୟାୟାଧିକରଣ, ମାଡ୍ରାସ ପ୍ରଦାନ କରିଥିବା ଏକ ଆଦେଶକୁ, ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ରଦ୍ଦ କରିଥିଲେ । ତାଙ୍କ ନିର୍ଣ୍ଣୟ ବିରୁଦ୍ଧରେ ଆବେଦନକାରୀ କମ୍ପାନୀଙ୍କ ଦ୍ୱାରା ଅଧିକାର ପତ୍ରର ଖଣ୍ଡ 15 ଅଧୀନରେ ଦାଖଲ କରାଯାଇଥିବା ଏକ ଆବେଦନ *ପ୍ରାରମ୍ଭରୁ* ଖାରଜ କରାଯାଇଥିଲା । ସେହି ନିର୍ଣ୍ଣୟ ବିରୁଦ୍ଧରେ ଆବେଦନକାରୀ ବିଶେଷ ଅନୁମତି ଦ୍ୱାରା ଏହି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । ଇରୋଡ ସହରାଞ୍ଚଳ ସେବା ପାଇଁ କୋଏମ୍ବାଟୁରର ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଯାତ୍ରୀବାହୀ ବସ୍ ପାଇଁ ଛଅଟି ଅନୁମତିର ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ କରିଥିଲେ । ମାର୍ଗ ସଂଖ୍ୟା 5 ରେ ଦୁଇଟି ଯାତ୍ରୀବାହୀ ବସ୍ ପ୍ରଚଳନ କରିବାକୁ ପ୍ରୟାସ କରାଯାଇଥିଲା । ଆବେଦନକାରୀ ଏବଂ ଉତ୍ତରଦାତା 1 ଏବଂ 2 ଓ ଅନ୍ୟ କେତେ ଜଣ, ସମସ୍ତ ଛଅଟି ଅନୁମତି ପ୍ରଦାନ ପାଇଁ ଆବେଦନ କରିଥିଲେ, ଯେଉଁଥିରେ ମାର୍ଗ ସଂଖ୍ୟା 5 ର ଦୁଇଟି ଅନ୍ତର୍ଭୁକ୍ତ ଥିଲା । 16 ମାର୍ଚ୍ଚ, 1961 ରେ ଅନୁଷ୍ଠିତ ଏହାର ବୈଠକରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଆବେଦନଗୁଡ଼ିକ ଉପରେ ବିଚାର କରିଥିଲେ, ଛଅଟି ମଧ୍ୟରୁ ଚାରିଟି ଅନୁମତିକୁ ଚାରିଜଣ ବିଦ୍ୟମାନ ଚାଳକଙ୍କୁ ପ୍ରଦାନ କରିଥିଲେ ଏବଂ ମାର୍ଗ ସଂଖ୍ୟା 5 ରେ, ଯାହା ଏକ ନୂତନ ମାର୍ଗ ଥିଲା, ଦୁଇ ଜଣ ଉତ୍ତରଦାତାଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହା ଅନୁମତି ପ୍ରଦାନ କରିଥିଲେ । ଏହି ଆଦେଶ ଦ୍ୱାରା ବ୍ୟଥିତ ହୋଇ ଆବେଦନକାରୀ ରାଜ୍ୟ ପରିବହନ ଅପିଲୀୟ ନ୍ୟାୟାଧିକରଣ ନିକଟରେ ଏକ ଆବେଦନ ଦାଏର କରିଥିଲେ ଯିଏ ରାୟ ଦେଇଥିଲେ ଯେ ଉତ୍ତରଦାତା ସଂଖ୍ୟା 1 ଅପେକ୍ଷା

1963
ଜଗନ୍ନାଥମ ଏବଂ ବ୍ରଦର୍ସ
ବନାମ
ସୌଦାମିଗାଇ ମୋଟର
ସେବା
ନ୍ୟାୟାଧୀଶ ମୁଧୋଲକର

ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ । ତେଣୁ ଯେପର୍ଯ୍ୟନ୍ତ ଉତ୍ତରଦାତା ସଂଖ୍ୟା 2 ଙ୍କୁ ଦିଆଯାଇଥିବା ଅନୁମତି ସମ୍ବନ୍ଧରେ, ନ୍ୟାୟାଧିକରଣ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଆଦେଶରେ ହସ୍ତକ୍ଷେପ କରିନଥିଲେ, କିନ୍ତୁ ଉତ୍ତରଦାତା ସଂଖ୍ୟା 1ଙ୍କୁ ଅନୁମତି ପ୍ରଦାନ କରୁଥିବା ଏହାର ଆଦେଶକୁ ରଦ୍ଦ କରିଦେଇଥିଲେ । ଏହି ଆଦେଶ ବିରୁଦ୍ଧରେ ଉତ୍ତରଦାତା ସଂଖ୍ୟା 1 ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏକ ଆଜ୍ଞାଦେଶ ଆବେଦନ ଦାଏର କରିଥିଲେ । ଉଚ୍ଚ ନ୍ୟାୟାଳୟର ଜଣେ ଏକକ ବିଚାରପତି ଏହି ଆବେଦନର ଶୁଣାଣି କରିଥିଲେ ଏବଂ ଯେପରି ପୂର୍ବରୁ କୁହାଯାଇଛି, ଆବେଦନକାରୀ ଏଥିରେ ସମ୍ପୃକ୍ତ ଥିଲେ, ମାନ୍ୟବର ବିଚାରପତି, ନ୍ୟାୟାଧିକରଣର ଆଦେଶକୁ ଖାରଜ କରିଦେଇଥିଲେ । ଅନୁମତି ପ୍ରଦାନ ପ୍ରସଙ୍ଗରେ ଉତ୍ତରଦାତା ସଂଖ୍ୟା 1 ଅପେକ୍ଷା ଆବେଦନକାରୀଙ୍କୁ କାହିଁକି ଅଗ୍ରାଧିକାର ଦିଆଯିବା ଉଚିତ୍ ତାହା ନ୍ୟାୟାଧିକରଣ ଉଲ୍ଲେଖ କରିନଥିଲେ ଓ ସେହି ଆଧାରରେ ମାନ୍ୟବର ବିଚାରପତି ନ୍ୟାୟାଧିକରଣର ଆଦେଶକୁ ବାତିଲ କରିଥିଲେ । ଆବେଦନକାରୀଙ୍କ ଦ୍ୱାରା ଦାଏର କରାଯାଇଥିବା ଅଧିକାର ପତ୍ର ଆବେଦନର ଶୁଣାଣି କରୁଥିବା ମାନ୍ୟବର ବିଚାରପତି, ଆବେଦନ ଖାରଜ କରିବା ସମୟରେ, ଅବଲୋକନ କରିଥିଲେ :

> "ପ୍ରଥମ ଉତ୍ତରଦାତାଙ୍କ ପାଖରେ ଏହି ସୁବିଧା ଥିଲା, *ଅର୍ଥାତ୍* : ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା । ସେହି ଅନୁମତିକୁ ବାତିଲ କରିବା ପୂର୍ବରୁ ଆବେଦନକାରୀଙ୍କ ଉଚ୍ଚତର ଯୋଗ୍ୟତାକୁ ବିଚାରକୁ ନେବା ଅପିଲୀୟ ନ୍ୟାୟାଧିକରଣର କର୍ତ୍ତବ୍ୟ ଥିଲା । ଏପରି ଉଚ୍ଚତର ଯୋଗ୍ୟତାକୁ ବିଚାର କରିବା ସମୟରେ, କେବଳ ନୂତନ ପ୍ରବେଶକାରୀ ଭାବରେ ନିଜ ମାମଲାକୁ ଉପସ୍ଥାପନ କରୁଥିବା ଆବେଦନକାରୀଙ୍କ ଦାବି ବିରୁଦ୍ଧରେ ପ୍ରଥମ ଉତ୍ତରଦାତା ଧାରଣ କରିଥିବା କଥିତ ଅଭିଜ୍ଞତାର ଭଲ ଓ ମନ୍ଦ ବିଚାର କରିବା ବାଧ୍ୟତାମୂଳକ ଥିଲା । ନ୍ୟାୟାଧିକରଣ ଏକ ଆଇନସଙ୍ଗତ ନିୟମ ଭାବେ ଗ୍ରହଣ କରିଥିବା ପରି ମନେ ହୁଏ ଯେ, ନୂତନ ପ୍ରବେଶକାରୀମାନଙ୍କୁ ସର୍ବଦା ପ୍ରାଧାନ୍ୟ ଦିଆଯିବା ଉଚିତ୍, କାରଣ ଏହା ସେମାନଙ୍କୁ ଅତ୍ୟୁତ୍ସାହ କରିବ ଏବଂ ଏକ ସୁସ୍ଥ ପ୍ରତିଯୋଗିତାର ବାତାବରଣ ସୃଷ୍ଟି କରିବ । କିନ୍ତୁ ଏହା ଭୁଲି ଯାଇଥିଲେ ଯେ ଏହି ସମସ୍ତ ପ୍ରସଙ୍ଗରେ, ଜନସାଧାରଣଙ୍କ ସ୍ୱାର୍ଥ, ସର୍ବାଗ୍ରେ ବିଚାର କରିବାକୁ ଥିବା ପ୍ରଶ୍ନ ଅଟେ ଏବଂ ଏହି ପ୍ରଶ୍ନକୁ ବିଚାରକୁ ନେବା ସମୟରେ, ଦୁଇ ଚାଳକଙ୍କ ପ୍ରତିଦ୍ୱନ୍ଦ୍ୱୀ ଦାବିକୁ ମୂଲ୍ୟାଙ୍କନ କରିବା ଏହାର କର୍ତ୍ତବ୍ୟ ଥିଲା ।"

ତେଣୁ ନ୍ୟାୟାଧିକରଣର ଆଦେଶରେ ଉଭୟ ମାନ୍ୟବର ଏକକ ବିଚାରପତି ଏବଂ ଅପିଲ ଅଦାଲତ ଏହି ଆଧାରରେ ହସ୍ତକ୍ଷେପ କରିଥିଲେ ଯେ କୌଣସି ବାସ୍ତବ ପ୍ରସଙ୍ଗରେ ନିଷ୍ପତ୍ତି ନେବାରେ ଏହା ବିଫଳ ହୋଇଥିଲେ ଏବଂ ଏହିପରି ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିନଥିଲେ ।

ଏହା ଏକ ସ୍ୱୀକୃତିଯୋଗ୍ୟ ତଥ୍ୟ ଯେ ଯଦିଓ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ମାର୍ଗରେ ଆବେଦନକାରୀଙ୍କର ବସ୍ ଚଳାଇବାର ଅଭିଜ୍ଞତା ରହିଛି, କିନ୍ତୁ ଏକ ସହରରେ ବସ୍ ଚଳାଇବାର ସାମ୍ପ୍ରତିକ ଅଭିଜ୍ଞତା ନାହିଁ । ତେଣୁ, ସହରାଞ୍ଚଳ ସେବା ସମ୍ବନ୍ଧରେ ଆବେଦନକାରୀଙ୍କୁ ଏକ ନୂତନ ପ୍ରବେଶକାରୀ ଭାବେ ବିବେଚନା କରାଯାଇପାରିବ । ଏହି ତଥ୍ୟ କେବେ ବି ବିବାଦୀୟ ହୋଇନାହିଁ । ଉତ୍ତରଦାତା 1 ଏବଂ 2 ଙ୍କୁ ଅନୁମତି ପ୍ରଦାନ କରିବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ବିରୁଦ୍ଧରେ ଏହି ପରିସ୍ଥିତିକୁ ବିଚାରକୁ ନେଇଥିଲେ । କିନ୍ତୁ 9 ଅଗଷ୍ଟ, 1958ର ସରକାରୀ ଆଦେଶ ସଂଖ୍ୟା 2265 ଏବଂ *ରମଣ ଏବଂ ରମଣ ଲିମିଟେଡ୍* ବନାମ *ମାଡ୍ରାସ ରାଜ୍ୟ*(1) ମାମଲାରେ ଏହି ଅଦାଲତର କେତେକ ମନ୍ତବ୍ୟକୁ ଧ୍ୟାନରେ ରଖି, ନ୍ୟାୟାଧିକରଣ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ ସହରାଞ୍ଚଳ ମାର୍ଗରେ ମଧ୍ୟ ଅନୁମତି ପ୍ରଦାନ କରିବା ପ୍ରସଙ୍ଗରେ ନୂତନ ପ୍ରବେଶକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍ । ଅନ୍ୟପକ୍ଷରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅନୁଭବ କରିଥିଲେ ଯେ ସହରରେ ଯାତାୟତ ବହୁତ ଅଧିକ ଏବଂ ସଡ଼କଗୁଡ଼ିକ ବହୁତ ସଂକୀର୍ଣ୍ଣ ଅଟେ, ତେଣୁ ନୂତନ ଚାଳକ ଅପେକ୍ଷା ବିଦ୍ୟମାନ ଚାଳକଙ୍କୁ ଅଗ୍ରାଧିକାର ଦେବା ବାଞ୍ଛନୀୟ । ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ମଧ୍ୟ ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ପରିବହନ ଆୟୁକ୍ତଙ୍କ ଦ୍ୱାରା ଜାରି କରାଯାଇଥିବା 14 ଅକ୍ଟୋବର 1960 ର ଏକ ପରିପତ୍ରକୁ ଧ୍ୟାନରେ ରଖିଥିବା ପରି ମନେହୁଏ । ଏହି ପରିପତ୍ରରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ସରକାରୀ ଆଦେଶରେ ପରିବହନ ଆୟୁକ୍ତ ନିଜର ବ୍ୟାଖ୍ୟା ରଖିଛନ୍ତି ଯେଉଁଥିରେ ମାର୍ଗକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି: "ସଂକ୍ଷିପ୍ତ ମାର୍ଗ", "ମଧ୍ୟମ ମାର୍ଗ" ଏବଂ "ଲମ୍ବା ମାର୍ଗ" । ସେହି ପରିପତ୍ରରେ ପରିବହନ ଆୟୁକ୍ତ ଅବଲୋକନ କରିଛନ୍ତି: "...... ସରକାର ମତ ରଖିଛନ୍ତି ଯେ ସହରାଞ୍ଚଳ ସେବା ମାର୍ଗକୁ ସଂକ୍ଷିପ୍ତ ମାର୍ଗ ପରିସରରୁ ବାଦ୍ ଦିଆଯିବା ଉଚିତ୍ ଏବଂ ସେଗୁଡିକୁ ଏକ ପୃଥକ ବର୍ଗ ଭାବରେ ବିବେଚନା କରାଯିବା ଉଚିତ୍" । ସ୍ପଷ୍ଟତଃ, ଏହା ସରକାରୀ ଆଦେଶ ନୁହେଁ ଯାହାକୁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଯଥାସମ୍ଭବ କାର୍ଯ୍ୟକାରୀ କରିବା ଆବଶ୍ୟକ, ବରଂ ଏହା ପରିବହନ ଆୟୁକ୍ତଙ୍କ ମତାମତ ବ୍ୟତୀତ ଆଉ କିଛି ନୁହେଁ । ତେଣୁ ଆଞ୍ଚଳିକ ପରିବହନ

(1) [1959] Supp. 2 S.C.R. 227.244.

1963
ଜଗନ୍ନାଥମ ଏବଂ ବ୍ରଦର୍ସ
ବନାମ
ସୌଦାମିଗାଇ ମୋଟର
ସେବା
ନ୍ୟାୟାଧୀଶ ମୁଧୋଲକର

କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ଭୁଲ ହୋଇଥାଇପାରେ । ତଥାପି, ଏହି ପ୍ରଶ୍ନ ଉପରେ ଆମେ ଗୋଟିଏ କିମ୍ବା ଅନ୍ୟ କୌଣସି ପ୍ରକାରେ ଅଧିଘୋଷଣା କରିବାକୁ ଇଚ୍ଛୁକ ନୁହେଁ କାରଣ ଆମ ମତରେ ନ୍ୟାୟାଧିକରଣ ଏହି ପ୍ରଶ୍ନକୁ ବିଶେଷ ଭାବରେ ସମ୍ବୋଧିତ କରିନାହାନ୍ତି ଯେ କାହିଁକି ଉତ୍ତରଦାତା ସଂଖ୍ୟା 1 ଅପେକ୍ଷା ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆବେଦନକାରୀଙ୍କ ପାଖରେ ଥିବା ଯୋଗ୍ୟତା ନ୍ୟାୟାଧିକରଣ ନିର୍ଦ୍ଧାରଣ କରିଛନ୍ତି । କିନ୍ତୁ ପ୍ରଥମ ଉତ୍ତରଦାତାଙ୍କ ପାଖରେ ସମାନ ଯୋଗ୍ୟତା ଅଛି କି ନାହିଁ, ତାହା ବିଚାରକୁ ନିଆଯାଇନାହିଁ । ଏହି ପରିସ୍ଥିତିରେ ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ସହମତ ଯେ ନିର୍ଣ୍ଣୟ ହେବାକୁ ଥିବା ଏକମାତ୍ର ପ୍ରଶ୍ନର ସଠିକ୍ ନିର୍ଣ୍ଣୟ ହୋଇନାହିଁ ଏବଂ ସେଥିପାଇଁ ଅନ୍ୟ ଜଣଙ୍କ ଅପେକ୍ଷା ଜଣେ ଚାଳକଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍ ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀ ବି. ସେନ୍ ଯୁକ୍ତି ବାଢ଼ିଥିଲେ ଯେ ଏହାର ଆଦେଶ ବାତିଲ କରିବା ପରେ ମାନ୍ୟବର ଏକକ ବିଚାରପତି ଏହି ମାମଲାକୁ ନ୍ୟାୟାଧିକରଣକୁ ପଠାଇବା ଉଚିତ୍ ଥିଲା ଏବଂ ଏହା ଯେ ପ୍ରତିଦ୍ୱନ୍ଦ୍ୱୀଙ୍କ ଦାବିଗୁଡ଼ିକର ଯଥାର୍ଥତା ଉପରେ ବିଚାର ନକରି ଏହା କୌଣସି ପ୍ରକାରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଆଦେଶକୁ ସୁନିଶ୍ଚିତ କରିପାରିବ ନାହିଁ । ଏହା ସତ୍ୟ ଯେ ମାନ୍ୟବର ବିଚାରପତିଙ୍କ ଆଦେଶ ସ୍ୱଷ୍ଟ ଭାବେ ବର୍ଣ୍ଣିତ ହୋଇନାହିଁ । କିନ୍ତୁ ଆମକୁ ଲାଗୁଛି ଯେ ପ୍ରକୃତରେ ତାଙ୍କ ଅର୍ଥ ଏହା ଥିଲା ଯେ ନ୍ୟାୟାଧିକରଣ ଦ୍ୱାରା ଆବେଦନର ସାନି ଶୁଣାଣି କରାଯିବା ଉଚିତ୍ ଏବଂ ତାଙ୍କ ମନ୍ତବ୍ୟକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବା ଉଚିତ୍ । ଆମେ ଭାବୁଛୁ ଯେ ଆବେଦନକାରୀମାନଙ୍କ ଭଳି ଅଭିଯୋଗକୁ ଦୂର କରିବା ପାଇଁ ଏହା ଯଥେଷ୍ଟ ହେବା ଉଚିତ୍ । ଆବେଦନଟି ଖାରଜ ହୋଇଛି କିନ୍ତୁ ଏହି ନ୍ୟାୟାଳୟରେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

*ଆବେଦନ ଖାରଜ ହେଲା* ।

## ଅସ୍ୱୀକରଣ

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ